# ମୁକ୍ତ ବିଶ୍ୱବିଦ୍ୟାଳୟର ଅଧିଗ୍ରହଣ ଉତ୍ସବ




ମାଲକାନଗିରି,୨୮/୮(ଇମିସ): ସ୍ଥାନୀୟ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ରଘୁମଣି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଉପସ୍ଥିତ ଥିବା ବେଳେ ମୁଖ୍ୟବକ୍ତା ଭାବେ କୁଳ ସଚିବ ଡ.ଜୟନ୍ତ କରଶର୍ମା, ସମ୍ମାନୀତ ଅତିଥି ରୂପେ ସହକାରୀ ବନ ସଂରକ୍ଷଣ ଅଧିକାରୀ ଜଗଦୀଶ ପ୍ରସାଦ ପଟ୍ଟନାୟକ, ବାଣିଜ୍ୟ ଅଧ୍ୟାପକ ରଂଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତପ୍ରାପ୍ତ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ତଥା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଶ୍ରୀଚନ୍ଦନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସସ୍ମିତା ଦେବନାଥ ଏବଂ ମୋନିକା ଅଧିକାରୀ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଆଦର୍ଶ ମହାବିଦ୍ୟାଳୟର ରଜନୀତି ବିଜ୍ଞାନ ଅଧ୍ୟାପକ ଡ.ରତ୍ନେଶ ରଂଜନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ମହାପାତ୍ର ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ, ଆଦିବାସୀ ଅଂଚଳରେ ଶିକ୍ଷାର ପ୍ରସାର ଓ ପ୍ରଚାର ସହ ଶିକ୍ଷା ପାଇଁ ବୟସ ବାଧା ସୃଷ୍ଟି କରିନଥାଏ ବୋଲି କହିଥିଲେ। ଏହି ଅଧ୍ୟୟନ କେନ୍ଦ୍ରରେ ୧୨ଟି ବିଭାଗରେ ପ୍ରାୟ ୧୦୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରତ୍ନାକର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଡ.ଅଶିଷ ରାଠୋର, ସମୀର କୁମାର ଡାକୁଆଙ୍କ ସମେତ ସମାଜସେବୀ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମୃତି ରକ୍ଷା ପାଇଁ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା। ଶେଷରେ ଡ.ରତ୍ନେଶ ଦାର ଧନ୍ୟବାଦ ଅର୍ପଣ କରିଥିଲେ।